**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**6 October - 2023**

# ମାଓ ମୁକାବିଲା ବୈଠକ

ନୂଆଦିଲ୍ଲୀଠାରେ ଆଜି ମାଓମୁକାବିଲା ସଂକ୍ରାନ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମାଓ ପ୍ରଭାବିତ ବିଭିନ୍ନ ରାଜ୍ୟର ପ୍ରତିନିଧି ଅଂଶ ଗ୍ରହଣ କରିବେ । ମାଓବାଦୀଙ୍କ ସ୍ଥିତି ଏବଂ ଏହାର ମୁକାବିଲା ସଂକ୍ରାନ୍ତ ରଣନୀତି ଉପରେ ବୈଠକରେ ବିସ୍ତୃତ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଓଡ଼ିଶାରୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏବଂ ପୋଲିସ୍ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଏହି ବୈଠକରେ ଯୋଗଦେବେ । ସେହିପରି ଝାଡ଼ଖଣ୍ଡ, ଛତିଶଗଡ଼, ବିହାର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟର ପ୍ରତିନିଧି ମଧ୍ୟ ଏହି ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଶହୀଦ ଯବାନ- କେନ୍ଦ୍ରମନ୍ତ୍ରୀ

ସିକିମ୍ ବନ୍ୟାରେ ଶହୀଦ ହୋଇଥିବା ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକର କେନ୍ଦୁଢ଼ିପ ଗ୍ରାମର ଯବାନ ସରୋଜ କୁମାର ଦାସଙ୍କ ଉଦ୍ଦେଶ୍ୟରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ବ୍ୟକ୍ତ

କରିଛନ୍ତି । ଟ୍ୱିଟ୍‌କରି ସେ କହିଛନ୍ତି ରାଷ୍ଟ୍ର ପାଇଁ ତାଙ୍କର ସେବାକାର୍ଯ୍ୟ ଓ ସମର୍ପଣ ଭାବନା ସ୍ମରଣୀୟ ହୋଇ ରହିବ । ସେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି ।

ସୂଚନାଯୋଗ୍ୟ ଗତ ମଙ୍ଗଳବାର ଦିନ ସିକିମ୍‌ରେ ବନ୍ୟା ଯୋଗୁଁ ସରୋଜଙ୍କ ସମେତ ୨୩ ଜଣ ଯବାନ ନିଖୋଜ ହୋଇଥିଲେ। ଆଜି ତାଙ୍କର ପାର୍ଥିବ ଶରୀର ଗ୍ରାମରେ ପହଞ୍ଚିବା ପରେ ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାପଡ଼ିଛି ।

# ସମ୍ଭାବ୍ୟ ବାତ୍ୟା-ବୈଠକ

ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ଚଳିତମାସ ଶେଷଆଡ଼କୁ ସମ୍ଭାବ୍ୟ ବାତ୍ୟାକୁ ନେଇ ଏକ ସମୀକ୍ଷା ବୈଠକ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ହୋଇଛି । ମୌସୁମୀ ପ୍ରତ୍ୟାବର୍ତ୍ତନର ୪୫ ଦିନ ମଧ୍ୟରେ ବାତ୍ୟା ହେବାର ସମ୍ଭାବନା ରହିଥାଏ । ଏହାକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ ସ୍ୱରୂପ ଏହି ବୈଠକରେ ବାତ୍ୟାର ମୁକାବିଲା ସଂପର୍କରେ ବିସ୍ତୃତ ଆଲୋଚନା ହୋଇଛି । ଓଡ୍ରାଫ୍, ଏନ୍‌ଡିଆରଏଫ୍ ଏବଂ ଅଗ୍ନିଶମ ବିଭାଗର ପ୍ରସ୍ତୁତି ନେଇ ମଧ୍ୟ ଆଲୋଚନା ହୋଇଛି । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ମଧ୍ୟ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଛି । ଏହି ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁଙ୍କ ସମେତ ୧୨ଟି ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

# ରାସାୟନିକ ଦ୍ରବ୍ୟ ନିଷିଦ୍ଧ

ରାଜ୍ୟରେ ତୃଣନାଶକ ଭାବରେ ବ୍ୟବହୃତ ହେଉଥିବା ରାସାୟନିକ ଦ୍ରବ୍ୟ ହର୍ବିସାଇଟ୍ ପାରାକ୍ୱେଟ୍‌ର ବ୍ୟବହାରକୁ ନିଷିଦ୍ଧ କରାଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ସାର୍ବଜନୀନ ନିରାପତ୍ତାକୁ ଦୃଷ୍ଟିରେ ରଖି ତଥା ପ୍ରାଣୀ ଜଗତ ଉପରେ ଏହାର ବ୍ୟବହାର ଜନିତ କୁପ୍ରଭାବକୁ ପ୍ରତିହତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । କୀଟନାଶକ ଅଧିନିୟମ ୧୯୬୮ ଅନୁଯାୟୀ ଏହି ନିଷେଧାଦେଶ ପ୍ରାଥମିକ ଭାବେ ୨ ମାସ ପାଇଁ ବଳବତ୍ତର ରହିବ । ଏହି ବିଷାକ୍ତ ରାସାୟନିକ ଦ୍ରବ୍ୟର ବିକ୍ରୟ, ମହଜୁଦ,  ଉତ୍ପାଦନ ଓ ବ୍ୟବହାରକୁ ସମଗ୍ର ରାଜ୍ୟରେ ନିଷିଦ୍ଧ କରାଯାଇଛି ।

# ସମବାୟ ସମିତି

ରାଜ୍ୟ ସରକାରଙ୍କ ବିନା ଅନୁମତିରେ ଏଣିକି କୌଣସି ସମବାୟ ସମିତି ସେମାନଙ୍କର ସ୍ଥାବର ସମ୍ପତ୍ତି ବିକ୍ରି କିମ୍ବା ହସ୍ତାନ୍ତର କରିପାରିବେ ନାହିଁ । ଏଥିପାଇଁ ଗଠନ ହୋଇଥିବା କମିଟିର ଅନୁମୋଦନ ହାସଲ କରିବାକୁ ପଡ଼ିବ । ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ କମିଟି ଗଠିତ ହୋଇଛି । ଏହି କମିଟିରେ ଅନ୍ୟମାନଙ୍କ ମଧ୍ୟରେ ଯୋଜନା ବିଭାଗର ଅତିରିକ୍ତ ଶାସନ ସଚିବ, ଆଇନ ବିଭାଗର ସହକାରୀ ନିର୍ଦ୍ଦେଶକ, ଅତିରିକ୍ତ ସମବାୟ ନିବନ୍ଧକ ପ୍ରମୁଖ ସଦସ୍ୟ ରହିଛନ୍ତି । ସମବାୟ ଉପନିବନ୍ଧକ ଏହି କମିଟିର ଆବାହକ ଦାୟିତ୍ୱ ନିର୍ବାହ କରିବେ ।

## ଛାତ୍ରସଂସଦ ନିର୍ବାଚନ

ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତ୍ତି ବିରୁଦ୍ଧରେ ଆଗତ ଏକ ମାମଲାର ପ୍ରାଥମିକ ଶୁଣାଣି କରି ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ଚାଲିଛି । ନିର୍ବାଚନ ବନ୍ଦ କରିବା ନେଇ ନିଷ୍ପତ୍ତିର କାରଣ ଏବଂ ସେ ସଂକ୍ରାନ୍ତ ଅନ୍ୟାନ୍ୟ ପରିସ୍ଥିତି ସଂପର୍କରେ ହାଇକୋର୍ଟଙ୍କୁ ଅବଗତ କରାଇବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହରେ ହେବ ବୋଲି ଜଣାପଡ଼ିଛି ।

## +୩ ନାମଲେଖା ଫି ଫେରସ୍ତ

ଚଳିତବର୍ଷ ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ବଳକା ଫି ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟ ନାମଲେଖା ସମୟରେ ଅଧିକ ଜମା ହୋଇଥିବା ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଛାତ୍ରଛାତ୍ରୀଙ୍କୁ ଫେରସ୍ତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିଛି । ସଂପୃକ୍ତ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ରାଶି ଜମା କରାଯିବ ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ନାମ ଲେଖା ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଓ୍ୱେଟିଂ ଲିଷ୍ଟ୍ ମେଧା ତାଲିକା ଆଜି ପ୍ରକାଶ ପାଇବ । ଆସନ୍ତା ୧୦ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

# ଷୋଡ଼ଶ ପୂଜା

ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜିଠାରୁ ଷୋଡ଼ଶ ପୂଜା ଆରମ୍ଭ ହୋଇଛି । ଏଥିପାଇଁ ଠାକୁରାଣୀଙ୍କର ବିଶେଷ ନୀତିକାନ୍ତି ଅନୁଷ୍ଠିତ ହେଉଛି । ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମା'ଙ୍କର ଏହି ଷୋଡଶ ପୂଜା ଅନୁଷ୍ଠିତ ହୋଇଥାଏ ।

ଏହି ଅବସରରେ କଟକ ଚଣ୍ଡୀମନ୍ଦିରରେ ସହସ୍ରାକୁମ୍ଭାଭିଷେକ ଅନୁଷ୍ଠିତ ହେଉଛି । ସେହିପରି କାକଟପୁର ମଙ୍ଗଳାପୀଠରେ ମଧ୍ୟ ଆଜି ଏହି ନୀତି ଆରମ୍ଭ ହୋଇଛି ।